# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 October – 2025

***********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ବସିବ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ
- ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ
- ଶ୍ରଦ୍ଧା ଓ ଭକ୍ତିର ସହ ଦେଶବ୍ୟାପୀ ପାଳନ କରାଯାଉଛି ସୂର୍ଯ୍ୟ ଉପାସନାର ପର୍ବ ଛଟ୍‌ପୂଜା

ଏବଂ

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ

Desk

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅନୁଷ୍ଠିତ ହେବ। ବୈଠକରେ ଆଇନ, ପୂର୍ତ୍ତ, ଜଳସମ୍ପଦ, ଗୃହ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଭଳି ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

BBSR/R

## ବାତ୍ୟା ବୈଠକ

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ରାଜୀବ ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ଜୀବନ ରକ୍ଷା କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସମ୍ଭାବ୍ୟ ବାତ୍ୟାରେ ବିଶେଷ କରି ଦକ୍ଷିଣାଞ୍ଚଳ ଓ ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହୋଇପାରେ। ଜଳସମ୍ପଦ, ପଞ୍ଚାୟତିରାଜ, କୃଷି, ଶକ୍ତି ବିଭାଗକୁ ସଜାଗ ରହିବାକୁ କୁହାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O -**

ପରିସ୍ଥିତିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟସ୍ଥଳୀ, ରିଲିଫ ସେଣ୍ଟର, ପଲିଥିନ୍, ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।  ପୂର୍ବ ଅଭିଜ୍ଞତାକୁ ଆଧାର କରି ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ କହିଛନ୍ତି।

**- V/O -**

ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ଜରିଆରେ ଯୋଗ ଦେଇଥିଲେ।

Ganjam

## ଜିଲ୍ଲା– ବାତ୍ୟା

ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ଆଶଙ୍କା ନେଇ ଗଞ୍ଜାମ ଜିଲ୍ଲାର ବଡ଼ନଦୀ, ଲୋହରାଖଣ୍ଡି ଓ ଋଷିକୂଲ୍ୟା ନଦୀ କୂଳବର୍ତ୍ତୀ ଅଞ୍ଚଳବାସୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନଦୀ ଅବବାହିକାରେ ଜନସାଧାରଣଙ୍କ ପ୍ରବେଶକୁ ନିଷେଧ କରିବା ସହ କୌଣସି ଗୃହପାଳିତ ପଶୁ ବିଚରଣ ନ କରିବା ପାଇଁ ପରାମର୍ଶ ଦିଆଯାଇଛି।

Desk

# ଛଟ୍ ପର୍ବ

ଦେଶବ୍ୟାପୀ ଶ୍ରଦ୍ଧା ଓ ଭକ୍ତିର ସହ ଛଟ୍‌ପୂଜା ପାଳନ କରାଯାଉଛି। ଛଠ୍ ପର୍ବ ହେଉଛି ଆସ୍ଥା, ବିଶ୍ୱାସ ଏବଂ ପ୍ରକୃତି ପ୍ରେମର ଏକ ଅନନ୍ୟ

ନିଦର୍ଶନ । ବିଶେଷକରି ଏହି ପୂଜାରେ ଅସ୍ତଗାମୀ ଏବଂ ଉଦିତ ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥାଏ । ପୂର୍ବ ଭାରତର ଓଡ଼ିଶା ସମେତ ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଆଦି ରାଜ୍ୟଗୁଡ଼ିକରେ ମହା ଆଡ଼ମ୍ବର ସହିତ ଏହି ପର୍ବ ପାଳନ କରାଯାଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ ଏବଂ ବିଶ୍ୱର ଶ୍ରଦ୍ଧାଳୁମାନଙ୍କୁ ଛଟ୍‌ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ସମସ୍ତ ଭକ୍ତଙ୍କ ଅଟଳ ଭକ୍ତିକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଏହି ଚାରିଦିନିଆ ଛଟ୍ ପର୍ବର ସଂସ୍କୃତି ଉପରେ ଆଲୋକପାତ କରିଛନ୍ତି। ଛଟ୍ ମା'ଙ୍କ ପ୍ରତି ସମର୍ପିତ ଏକ ଭକ୍ତିପୂର୍ଣ୍ଣ ଗୀତକୁ ପ୍ରଧାନମନ୍ତ୍ରୀ ନିଜ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂର୍ଯ୍ୟ ଉପାସନା ଓ ଲୋକ ଆସ୍ଥାର ମହାପର୍ବ ଛଠ୍ ପୂଜା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତ୍ୟେକ ଲୋକଙ୍କ ଜୀବନରେ ଆଲୋକ, ଉତ୍ତମ ସ୍ୱାସ୍ଥ୍ୟ ଓ ପରିବାରର ମଙ୍ଗଳକାମନା କରିଛନ୍ତି।

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍'

କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

Nuapada

## ସୁଭଦ୍ରା ଶକ୍ତି ସମାବେଶ

ନୂଆପଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସୁଭଦ୍ରା ଶକ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମାବେଶରେ ଯୋଗଦେଇ ଦଳୀୟ ନେତ୍ରୀମାନଙ୍କ ସହ ଆଗାମୀ ନୂଆପଡ଼ା ଉପନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି।

Nayagarh

## ପ୍ରକଳ୍ପର ଶିଳାନ୍ୟାସ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁରର ୯ଟି ସ୍ଥାନରେ ଆଜି ବିଭିନ୍ନ ପ୍ରକଳ୍ପକୁ ସାଂସଦ ଭର୍ତ୍ତୃହରି ମହତାବ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଶିଳାନ୍ୟାସ କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାସ୍ତା ନିର୍ମାଣ, ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର, ଗୋଷ୍ଠୀ କେନ୍ଦ୍ର ଓ ମଣ୍ଡପ ନିର୍ମାଣ ଆଦି ରହିଛି। ଖଳିସାହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩ଟି ପ୍ରକଳ୍ପ ଉଦ୍‌ଘାଟନ

କରିବା ସହ ହରିଚନ୍ଦନପୁର ଗ୍ରାମରେ ଦୁଇଟି ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଛନ୍ତି ।

Balangir

## ଡେଣ୍ଟାଲ କର୍ମଶାଳା

ବଲାଙ୍ଗୀର ଜିଲ୍ଲାରେ ଇଣ୍ଡିଆନ୍ ଡେଣ୍ଟାଲ ଆସୋସିଏସନ୍ ଓଡ଼ିଶା ଶାଖା ପକ୍ଷରୁ ୪୧ତମ ବାର୍ଷିକ ମହୋତ୍ସବ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି ।  ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟରେ ଚାରୋଟି ଦନ୍ତ ମହାବିଦ୍ୟାଳୟ ଖୋଲିବାକୁ ସରକାରଙ୍କ ଯୋଜନା ରହିଥିବା ସୂଚନା ଦେଇଛନ୍ତି । ସେହିପରି ଭୀମଭୋଇ ମେଡିକାଲ କଲେଜ କ୍ୟାମ୍ପସରେ ଅର୍ଥପେଡିକ, ସର୍ଜରୀ ଓ ପେଡିଏଟ୍ରିକ୍‌ରେ ସ୍ନାତକ ପାଠ୍ୟକ୍ରମ ଖୋଲିବ । ଆସନ୍ତା ଡିସେମ୍ବରରୁ ଜାନୁଆରୀ ମାସ ମଧ୍ୟରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ସମାବେଶରେ ୩୧୦ ଦନ୍ତ ଚିକିତ୍ସ ଯୋଗ ଦେଇଥିବାବେଳେ ୭୧ଟି ଟ୍ରେଡ୍ ଫେୟାର ଷ୍ଟଲ୍ ପ୍ରଦର୍ଶିତ ହୋଇଛି ।

Desk

## କଳାକାର ଦିବସ

କଳାକାରଙ୍କ ସୃଜନଶୀଳତା ଏବଂ କଳାର ଗୁରୁତ୍ୱକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଆଜି ଅନ୍ତର୍ଜାତୀୟ କଳାକାର ଦିବସ ପାଳନ କରାଯାଉଛି ।

୨୦୦୪ ମସିହା ପରଠାରୁ ସମାଜରେ କଳାକାରଙ୍କ ଅବଦାନ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ  ଏହି ଦିବସ ପାଳନ କରାଯାଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି, 'ପ୍ରକାଶନର ଏକ ଉଦ୍ୟାନ, କଳାମାଧ୍ୟମରେ ସମ୍ପ୍ରଦାୟକୁ ସଜାଡିବା ।' ଆଜିର ଦିନରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ, କର୍ମଶାଳା, ବିତର୍କ ଏବଂ କଳାକାରଙ୍କୁ ସମର୍ଥନ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଅନ୍ତର୍ଜାତୀୟ କଳାକାର ଦିବସରେ କଳାକାର ଭାସ୍ୱତୀ ବାସୁ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

BHK

## ଷଷ୍ଠଦିନ କାଳୀପୂଜା

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ପୀଠରେ ଷଷ୍ଠ ଦିବସରେ ମା' ଆଜି ମହାସରସ୍ୱତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଜିଲ୍ଲାର ଚରମ୍ପାର ପ୍ରସିଦ୍ଧ ପଥରକାଳୀ, ଚାନ୍ଦବାଲି ଓ ଭଦ୍ରକର ଦକ୍ଷିଣେଶ୍ୱର କାଳୀ, ଆରଡ଼ିର ଶ୍ୟାମାକାଳୀ, ରକ୍ଷାକାଳୀଙ୍କ ପୀଠ ସମେତ ଅନ୍ୟାନ୍ୟ ସ୍ଥାନରେ ମା'ଙ୍କ ମେଢ଼ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

Ganjam

## ଆଇନ ସଚେତନତା

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଇବର କ୍ରାଇମ୍, ପୋସ୍କୋ ଏବଂ ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି ।

Ganjam

## ନିଶାମୁକ୍ତ ସଚେତନତା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସିଟି ମେଡିକାଲ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଯାଇଛି ।

Ganjam

## ୫ କିଲୋ ଚାଉଳ

ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ  ୧୯ଟି ଜିଲ୍ଲାରେ ଆସନ୍ତା ୩ ମାସ ପାଇଁ ଘର ପିଛା ଅତିରିକ୍ତ ୫ କିଲୋ ଚାଉଳ ପ୍ରଦାନ କରାଯିବ। ଏହିକ୍ରମରେ ଗଞ୍ଜାମ ଜିଲ୍ଲାର ୭ ଲକ୍ଷ ୯୯ ହଜାର ୮୭୩ ପରିବାର ଉପକୃତ ହେବେ। ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ଏହି ୩ ମାସରେ ୧୫ କିଲୋ ହିସାବରେ ଚାଉଳ ଦିଆଯିବା ନେଇ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି ।

Desk

# ରଣଜୀ ଟ୍ରଫି

ରଣଜୀ ଟ୍ରଫିର ଦ୍ୱିତୀୟ ମ୍ୟାଚ୍ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେବ । ଓଡ଼ିଶା କ୍ରିକେଟ ଦଳ ଗ୍ରୁପ୍-ଏ'ରେ ଥିବାବେଳେ ଘରୋଇ ଦଳ ଉତ୍ତରପ୍ରଦେଶ ବିପକ୍ଷରେ ଆଜି ମ୍ୟାଚ୍ ଖେଳିବ । ବାରବାଟୀ ଷ୍ଟାଡିୟମରେ ବରୋଦାଠାରୁ ପରାଜିତ ହେବା ପରେ ଆଜିର ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଲକ୍ଷ୍ୟ ରଖିଛି ଓଡ଼ିଶା ଦଳ ।

BBSR/R

# ପାଣିପାଗ

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଆଜି ଅବପାତରେ ପରିଣତ ହୋଇଛି । ଆସନ୍ତାକାଲି ସୁଦ୍ଧା ଗଭୀର ଅବପାତ ଏବଂ ସୋମବାର ଦିନ ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ବାତ୍ୟାରେ ପରିଣତ ହେବ  ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସମ୍ଭାବ୍ୟ ବାତ୍ୟାର 'ମୋନ୍ଥା' ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ–କଳିଙ୍ଗପଟ୍ଟନମ୍ ମଧ୍ୟରେ କାକିନାଡ଼ାଠାରେ ସ୍ଥଳଭାଗ ଛୁଇଁପାରେ । ୨୮ ତାରିଖ ସନ୍ଧ୍ୟାରୁ ରାତି ମଧ୍ୟରେ ଏହା ଲ୍ୟାଣ୍ଡଫଲ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୯୦ରୁ ୧୦ କିଲୋମିଟର ମଧ୍ୟରେ ରହିବ । ଏହାର ପ୍ରଭାବରେ ଆସନ୍ତା ୨୯

ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବଜ୍ରପାତ ସହ ପ୍ରବଳ  ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।